# Telephone conversation between Prime Minister Shri Narendra Modi and his German counterpart, Federal Chancellor Dr Angela Merkel

August 23, 2021

# ଜର୍ମାନ ପ୍ରତିପକ୍ଷ ସଂଘୀୟ ଚାନସେଲର ଡଃ ଆଞ୍ଜେଲା ମର୍କେଲଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଟେଲିଫୋନ ବାର୍ତ୍ତାଳାପ

ଅଗଷ୍ଟ 23, 2021

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଫୋନ ଯୋଗେ ନିଜ ଜର୍ମାନ ପ୍ରତିପକ୍ଷ ସଂଘୀୟ ଚାନସେଲର ଡଃ ଆଞ୍ଜେଲା ମର୍କେଲଙ୍କ ସହ ବାର୍ତ୍ତାଳାପ କରିଛନ୍ତି ।

ଦୁଇ ନେତା ଆଫଗାନିସ୍ଥାନରେ ପରିବର୍ତ୍ତନଶୀଳ ସୁରକ୍ଷା ସ୍ଥିତି ଓ ଏହି ଅଞ୍ଚଳ ତଥା ବିଶ୍ୱ ଉପରେ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିଛନ୍ତି । ସେଠାରେ ଫସି ରହିଥିବା ଲୋକଙ୍କୁ ସ୍ୱଦେଶ ଫେରାଇ ଆଣିବାକୁ ପ୍ରମୁଖ ପ୍ରାଥମିକତା ପ୍ରଦାନ କରିବା ସହ ଶାନ୍ତି ଓ ସୁରକ୍ଷା ବଜାୟ ରଖିବାକୁ ଉଭୟେ ଗୁରୁତ୍ୱ ଦେଇଛନ୍ତି ।

ଦୁଇ ନେତା ଦ୍ୱିପାକ୍ଷିକ ଏଜେଣ୍ଡାର ପ୍ରସଙ୍ଗଗୁଡ଼ିକରେ ମଧ୍ୟ ଆଲୋଚନା କରିଛନ୍ତି । ଏଥିରେ କୋଭିଡ-୧୯ ଟିକା କ୍ଷେତ୍ରରେ ସହଯୋଗ, ଜଳବାୟୁ ଓ ଶକ୍ତି କ୍ଷେତ୍ରକୁ ଗୁରୁତ୍ୱ ପ୍ରଦାନ କରି ବିକାଶ ପାଇଁ ସହଯୋଗ ଓ ବାଣିଜ୍ୟିକ ତଥା ଆର୍ଥିକ ସମ୍ପର୍କକୁ ପ୍ରୋତ୍ସାହନ ଦେବା ସାମିଲ ରହିଛି । ବହୁପକ୍ଷୀୟ ସ୍ୱାର୍ଥ ସାମିଲ ଥିବା ପ୍ରସଙ୍ଗ ଯେପରିକି ଆଗାମୀ ସିଓପି- ୨୬ ବୈଠକ ଓ ଜାତିସଂଘ ସୁରକ୍ଷା ପରିଷଦରେ ସାମୁଦ୍ରିକ ସୁରକ୍ଷା ସମ୍ପର୍କରେ ଆଲୋଚନା ଆଗକୁ ବଢ଼ାଇବା ପାଇଁ ଭାରତର ପ୍ରୟାସ ସମ୍ପର୍କରେ ଉଭୟେ ମତ ବିନିମୟ କରିଛନ୍ତି । ଭାରତ- ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସମାବେଶୀ ସହଯୋଗକୁ ପ୍ରୋତ୍ସାହନ ଦେବା ପାଇଁ ଦୁଇ ପକ୍ଷର ଦୃଷ୍ଟିକୋଣ ସମାନତାକୁ ମଧ୍ୟ ଉଭୟ ନେତା ଗୁରୁତ୍ୱ ପ୍ରଦାନ କରିଛନ୍ତି ।

**ନୂଆଦିଲ୍ଲୀ**

**ଅଗଷ୍ଟ 23, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release